ଧରିତ୍ରୀ
DHARITRI
ଶୁକ୍ରବାର, ୧୫ ଏପ୍ରିଲ, ୨୦୨୨



## ଗଛରୁ ପଡ଼ି ଶିଶୁକନ୍ୟା ମୃତ

ରାଇରଙ୍ଗପୁର,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବହଳଦା ଥାନା ଅଧୀନ ଚହଲାପଦା ଗ୍ରାମର ଜଣେ ଶିଶୁକନ୍ୟା ଗୁରୁବାର ଗଛରୁ ପଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ସିଦ ହେମ୍ବ୍ରମଙ୍କ ୫ ବର୍ଷର ଝିଅ ବୁଧୁଜ। ସାଙ୍ଗମାନଙ୍କ ସହ ଘର ପାଖ କେନ୍ଦୁ ଗଛରେ ଚଢ଼ି ଖେଳୁଥିବା ବେଳେ ସେ ତଳକୁ ଖସି ପଡ଼ି ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ରାଇରଙ୍ଗପୁର ମେଡ଼ିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ବେକରେ ଫାଶୀ ଲଗାଇ ଛାତ୍ରୀଙ୍କ ଆତ୍ମହତ୍ୟା

ପାଟଣା,୧୪।୪(ସ୍ବ. ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ପଞ୍ଚାୟତ ନିହୁଆଁ ଗ୍ରାମର ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀ ବୁଧବାର ଅପରାହ୍ଣରେ ଶୋଇବା ଘର ଭିତରେ ଫ୍ୟାନ ହୁକରେ ଶାଢ଼ୀରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତା ଛାତ୍ରୀ ହେଲେ ନିଳିମା ନାଏକ। ଘରୋଇ କଳହକୁ କେନ୍ଦ୍ର କରି ନିଳିମା ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଗୁରୁବାର ପୋଲିସ ପହଞ୍ଚି ମୃତଦେହକୁ ଜବତ କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ତୁରୁମୁଙ୍ଗା ଥାନାରେ (ନଂ.୭/୨୨) ଏକ ମାମଲା ରୁଜୁ ହୋଇଛି।

### ଜିଲାପାଳଙ୍କୁ ଡ୍ରାଇଭର ମହାସଂଘର ସ୍ମାରକପତ୍ର

ବାରିପଦା ଅଫିସ,୧୪।୪: ବିଭିନ୍ନ ସମସ୍ୟାର ସମାଧାନ ଲାଗି ମଙ୍ଗଳବାର ଓଡ଼ିଶା ଡ୍ରାଇଭର ମହାସଂଘର ନିଷ୍ପତ୍ତି କ୍ରମେ ମୟୂରଭଞ୍ଜ ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ୧୧ଦଫା ଦାବିକୁ ନେଇ ସଂଘ ପକ୍ଷରୁ ୨୯ ଅକ୍ଟୋବରରେ ଭୁବନେଶ୍ୱରଠାରେ ରାଜ୍ୟ ସରକାରଙ୍କ ପଦାଧିକାରୀଙ୍କ ସହ ଆଲୋଚନା କରିଥିଲେ। ପଞ୍ଚାୟତ ଓ ପୌର ନିର୍ବାଚନ ପରେ ଦାବିଗୁଡ଼ିକ ସମ୍ପର୍କରେ ବିଚାର କରାଯିବାକୁ ଥିବା ବେଳେ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବା ସହ ଷ୍ଟିୟରିଂ ଛାଡ୍ ଆନ୍ଦୋଳନ କରିବା ସହ ରାଜଧାନୀରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ସଂଘ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି।

### ମହାବୀର ଜୟନ୍ତୀ ଅବସରରେ ଝଣ୍ଡା ଶୋଭାଯାତ୍ରା

କେନ୍ଦୁଝର, ୧୪।୪(ଡି.ଏନ.ଏ.): କେନ୍ଦୁଝର ସହରରେ ମହାବୀର ଜୟନ୍ତୀ ଅବସରରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମହାବୀରଙ୍କ ବିରାଟକାୟ ଝଣ୍ଡା ଧରି ଭକ୍ତ ମାନେ ଜୟ ଶ୍ରୀରାମ, ଜୟ ବଜରଙ୍ଗୱାଲି ସ୍ଲୋଗାନ ଦେଇ ସହର ପରିକ୍ରମା କରିଛନ୍ତି। ହନୁମାନ ବେଶରେ ସଜିତ ହୋଇ ବିଭିନ୍ନ ଖେଳ ପ୍ରଦର୍ଶନ ବିଶେଷ କରି ପିଲାଙ୍କୁ ଆକୃଷ୍ଟ କରିଛନ୍ତି। ବିଭିନ୍ନ ସ୍ଥାନରେ ଭକ୍ତ ତଥା ଅନ୍ୟ ମାନଙ୍କ ପାଇଁ ପଣାପାଣିର ବ୍ୟବସ୍ଥା କରାଯାଇଛି। ସୁରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ବଳ ନିୟୋଜିତ ହୋଇଛନ୍ତି।

### ଦୁଇ ଦୋକାନ ଜଳିଗଲା

ରୂପସା, ୧୪।୪(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସା ମେଡ଼ିକାଲ ଛକ ନିକଟରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡ ଘଟି ୨ଟି ଦୋକାନ କେବିନ ଜଳିଯାଇଛି। ମହେଶ୍ୱର ବେହେରାଙ୍କ ଟେଲରିଂ ଏବଂ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ପ୍ଲାଷ୍ଟିକ ଖେଳନା ଦୋକାନ ସମ୍ପୂର୍ଣ୍ଣ ଜଳିଯାଇଛି। ରାତି ୧୨ଟାରେ କୌଣସି କାରଣରୁ ଦୋକାନ କେବିନରେ ନିଆଁ ଲାଗିଯାଇଥିଲା। ଦୋକାନରେ ଥିବା ସମସ୍ତ ସାମଗ୍ରୀ ଜଳି ନଷ୍ଟ ହୋଇଯାଇଥିଲା। ସ୍ଥାନୀୟ ଯୁବକମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦୁଇଟି ଦୋକାନରେ ପ୍ରାୟ ୫୦ହଜାର ଟଙ୍କାର ଆସବାବପତ୍ର ନଷ୍ଟ ହୋଇଥିବା ଦୋକାନ ମାଲିକ କହିଛନ୍ତି। କ୍ଷତିଗ୍ରସ୍ତ ଦୋକାନୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

### ଶକ୍ତିପୀଠ ଉତ୍ସବମୁଖର

ବାସୁଦେବପୁର, ୧୪।୪ (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁରରେ ମହାବିଷୁବ ସଂକ୍ରାନ୍ତି ଅବସରରେ ବିଭିନ୍ନ ଶକ୍ତିପୀଠ ଚଳଚଞ୍ଚଳ ହୋଇପଡ଼ିଥିଲା। ମା' ଆଙ୍ଖୁଡ଼େଶ୍ୱରୀ, ମଙ୍ଗଳା ପୀଠ ଉତ୍ସବମୁଖର ହେବା ସହ ଶତାଧିକ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ମା'ଙ୍କ ପୂଜା ଅବସରରେ ପାଟୁଆମାନେ ଘଟ ଧରି ଗାଁ ପରିକ୍ରମା କରିଥିଲେ। ସେହିପରି ପ୍ରତି ଗ୍ରାମରେ ଥିବା ଗ୍ରାମଦେବତୀଙ୍କ ପୀଠରେ ମଧ୍ୟ ପୂଜାର୍ଚ୍ଚନା, ହୋମ ଯଜ୍ଞ ଆଦି ଅନୁଷ୍ଠିତ ହେବା ସହ ପାଟୁଆ ଗୀତ ନୃତ୍ୟ ପରିବେଷଣ କରାଯାଇଛି।

### ନୂତନ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା

ଭଣ୍ଡାରିପୋଖରୀ,୧୪।୪ (ଡି.ଏନ.ଏ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ରଣଜିତ ପଞ୍ଚାୟତର ସରପଞ୍ଚ ସୁଜାତା ସାହୁଙ୍କ ଅଧ୍ୟକ୍ଷତାରେ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ ଯୋଗଦେଇ ବିଭିନ୍ନ ୱାର୍ଡରେ କାର୍ଯ୍ୟକାରୀ ହେବାକୁ ଥିବା ନୂତନ ପ୍ରକଳ୍ପ ବାବଦରେ ସମୀକ୍ଷା କରିଥିଲେ। ବିଶେଷ କରି ଗ୍ରୀଷ୍ମପ୍ରବାହ ସମୟରେ ପାନୀୟଜଳ ଯୋଗାଣ ପାଇଁ ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚଙ୍କ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାଏବ ସରପଞ୍ଚ ଝିଲି ମଲିକଙ୍କ ସମେତ ସମସ୍ତ ୱାର୍ଡସଭ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ରାଉତରାୟ ଧନ୍ୟବାଦ ଦେଇଥିଲେ।

# ଚଇତି ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁ

## ଘଟଗାଁ ମା' ତାରିଣୀ ପୀଠ

ଢେଙ୍କିକୋଟ, ୧୪।୪(ଡି.ଏନ.ଏ.)


ଦର୍ଶନ ପାଇଁ ଅପେକ୍ଷାରତ ଶ୍ରଦ୍ଧାଳୁ।

କେନ୍ଦୁଝର ଜିଲା ଘଟଗାଁ ମା'ତାରିଣୀ ପୀଠ ସାରା ଜଗତରେ ଜଣାଶୁଣା। ପ୍ରତିବର୍ଷ ପଣା ସଂକ୍ରାନ୍ତି ଅବସରରେ ମା'ଙ୍କ ପ୍ରସିଦ୍ଧ ଚଇତି ପର୍ବ ଦୀର୍ଘ ସାତ ଦିନ ଧରି ଧୁମଧାମରେ ପାଳନ କରାଯାଇଛି। ଚଳିତ ମାସ ୯ ତାରିଖରୁ ମା'ଙ୍କ ଚଇତି ପର୍ବ ଆରମ୍ଭ ହୋଇଥିଲା। ଦୀର୍ଘ ଦୁଇ ବର୍ଷ ହେବ କରୋନା ମହାମାରୀ ଯୋଗୁ ମା'ଙ୍କ ସାଧାରଣ ଦର୍ଶନ ବନ୍ଦ କରାଯାଇଥିବେ ବେଳେ ଚଳିତ ବର୍ଷ ଏହାକୁ ରାଜ୍ୟ ସରକାର ହଟାଇଦେଇଛନ୍ତି। ଫଳରେ ମା'ଙ୍କ ଚଇତି ପର୍ବ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତଙ୍କ ସୁଅ ଛୁଟିଛି। ଗୁରୁବାର ପବିତ୍ର ହନୁମାନ ଜୟନ୍ତୀ, ପଣାସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷର ପ୍ରଥମ ଦିନ। ଏହି ଦିନ ମା'ଙ୍କ ସୁନାବେଶ ଦର୍ଶନ କରି ମନରେ ଯାହା ମନାସିବ ମା' ତାହା ପୁରଣ କରିଥାନ୍ତି ବୋଲି କିମ୍ବଦନ୍ତୀ କହେ। ଫଳରେ ପ୍ରତ୍ୟକ ବର୍ଷ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଭକ୍ତ କାହିଁ କେତେ ଦୂରୁ ଆସି ଦୀର୍ଘ ଘଣ୍ଟା ଖରାତରାରେ ଛିଡା ହୋଇ ଦର୍ଶନ କରି ମନରେ ବିଭିନ୍ନ ପ୍ରକାର ଶୁଭ ମନାସିଥାନ୍ତି ଏବଂ ତାହା ପୁରଣ ହୋଇଥାଏ ବୋଲି ଶ୍ରଦ୍ଧାଳୁମାନେ ପ୍ରକାଶ କରିଛନ୍ତି। ଏହି ଚଇତି ପର୍ବ ପାଇଁ ଜିଲା ପ୍ରଶାସନ ଓ ମା ତାରିଣୀ ମନ୍ଦିର ଟ୍ରଷ୍ଟ ପକ୍ଷ ରୁ ବ୍ୟାପକ ଶାନ୍ତି ଶୃଙ୍ଖଳା ନିମନ୍ତେ ବ୍ୟବସ୍ଥା କରିଥାନ୍ତି। ଜିଲ୍ଲା ର କୋଣ ଅନୁକୋଣ ରୁ ପୋଲିସ ପ୍ରଶାସନ ଆସିଥିବା ବେଳେ ବିଭିନ୍ନ ସଂଗଠନ ର ସ୍ୱେଚ୍ଛାସେବୀ ଆସି ସହଯୋଗ କରିଥାନ୍ତି। ବିଭିନ୍ନ ବ୍ୟକ୍ତି ବିଶେଷ ଓ ସଂଗଠନ ଅନୁଷ୍ଠାନ ତରଫରୁ ଭକ୍ତ ମାନଙ୍କୁ ମା'ଙ୍କ ପୀଠରେ ବିଭିନ୍ନ ପ୍ରକାର ପ୍ରସାଦ ବଣ୍ଟନ କରିଥାନ୍ତି। ଘଟଗାଁ, ହରିଚନ୍ଦନପୁର, ପାଟଣାର ଦମକଳ ବାହିନୀ ମଧ ସଜାଗ ଥିଲେ। ଶ୍ରଦ୍ଧାଳୁ ଭକ୍ତଙ୍କ ଶାନ୍ତି ଶୃଙ୍ଖଳା ନିମନ୍ତେ ବାଉଁଶ ବାରିକେଡ କରାଯାଇଛି। ନଅ ଦିନ ଧରି ପୀଠରେ ସତ୍ୟନାରାୟଣ ବାଡ଼ିପାଲା, ଚଣ୍ଡୀପାଠ, ଭୋଜନ ସମାରୋହ, ବିଭିନ୍ନ ନୃତ୍ୟ ଶିଳ୍ପ ଓ କଳାକୁଞ୍ଜ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଭକ୍ତଙ୍କ ନିମନ୍ତେ କରାଯାଇଥାଏ। ଜନସମାଜର ହିତ ଉଦ୍ଦେଶ୍ୟରେ ମା'ଙ୍କ ପୂଜା ପାଠ କରାଯାଇଛି।

# ୨୫ ବର୍ଷରେ ଆଡ଼ିଆ ରାମନବମୀ ପୂଜା

ବନ୍ତ, ୧୪।୪ (ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅଧୀନ ଆଡ଼ିଆ ରାମନବମୀ ମଣ୍ଡପରେ ୨୫ବର୍ଷ ଧରି ପାଳିତ ହୋଇଆସୁଛି ଶ୍ରୀରାମ ନବମୀ। ଚଳିତବର୍ଷ ନିକଟସ୍ଥ ପୁଷ୍କରିଣୀରୁ ଘଟୋତ୍ତଳନ କରାଯାଇ ବିଧି ଅନୁସାରେ ପୂଜାର୍ଚ୍ଚନା ଚାଲିଛି। ଲଙ୍କାକାଣ୍ଡ, ସୁନ୍ଦରାକାଣ୍ଡ ଓ ହନୁମାନ ଚାଳିଶା ପାଠ କରାଯାଉଛି। ପୂଜକ ନଟବର ପଣ୍ଡା ପୂଜାର୍ଚ୍ଚନା କରୁଛନ୍ତି। ସୁନ୍ଦର ଆଲୋକସଜ୍ଜା ସାଙ୍ଗକୁ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ମୃଣ୍ମୟ ମୂର୍ତ୍ତି ଦେଖିବାକୁ ସନ୍ଧ୍ୟାରେ ଲୋକଙ୍କ ଭିଡ଼ ଜମୁଛି। ୯ ଦିନ ଧରି ଏହି ପୂଜା ଚାଲିବାକୁ ଥିବାବେଳେ ଆସନ୍ତା ସୋମବାର ଭସାଣି ହେବ। ଶରତ ରାଉତ, କମଳମିତ୍ର ରାଉତ, ଆଶୁତୋଷ ମଲ୍ଲିକ, ଭରତ ବିନ୍ଧାଣୀ, ସଞ୍ଜୟ ସାହୁ ପ୍ରମୁଖ କଳସ ଆଣିଥିବା ବେଳେ ଅଜୟ ରଥ, ପୂର୍ଣ୍ଣଚନ୍ଦ୍ର ପାତ୍ର, ମନୋଜ ସେଠୀ, ଅଭୟ ସେଠୀ, ଦିବ୍ୟରଞ୍ଜନ ଜେନା ପ୍ରମୁଖ ରାମ ନବମୀ କମିଟି ସଦସ୍ୟ ସହଯୋଗ କରିଥିଲେ।


ରାମନବମୀ ମଣ୍ଡପରେ ପୂଜା ପାଉଥିବା ମୃଣ୍ମୟ ମୂର୍ତ୍ତି।

# ପୋଲିସ ଛାଉଣୀରେ ଲାଗିଲା ଝଣ୍ଡା

■ ଯୋଡ଼ାରେ ସୁଧୁରୁଛି ସ୍ଥିତି
■ ୧୪୪ ଧାରା ବଳବତ୍ତର

ଯୋଡ଼ା,୧୪।୪ (ଡି.ଏନ.ଏ.)


ଯୋଡ଼ା ଶିବ ମନ୍ଦିରରେ ଝଣ୍ଡା ସ୍ଥାପନ କରାଯାଉଛି।

କେନ୍ଦୁଝର ଜିଲା ଯୋଡ଼ା ସହରରେ ଗତ ସୋମବାର ରାମନବମୀରେ ଝଣ୍ଡା ଲଗାଇବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ସୃଷ୍ଟି ହୋଇଥିବା ବିବାଦ ୩ଦିନ ପରେ ହନୁମାନ ଜୟନ୍ତୀ ତଥା ପଣାସଂକ୍ରାନ୍ତିରେ ଅବସାନ ଘଟିଛି। ଗୁରୁବାର ପଣାସଂକ୍ରାନ୍ତି ଦିନ ନିର୍ଦ୍ଧାରିତ ସମୟ ସକାଳ ୯ଟାରୁ ୧୦ଟା ମଧ୍ୟରେ ହନୁମାନ ମନ୍ଦିରରୁ ପୋଲିସ ପ୍ରଶାସନର ଉପସ୍ଥିତିରେ କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ହନୁମାନ ଝଣ୍ଡା ୪ ନଂ. ୱାର୍ଡରେ ଥିବା ଶିବ ମନ୍ଦିରରେ ସ୍ଥାପନ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ୪ ନଂ. ୱାର୍ଡର ପ୍ରତି ଘର ଛାତ ଉପରେ ବନ୍ଧୁକଧାରୀ ମୁତୟନ ହୋଇଥିଲେ। ସମ୍ପୂର୍ଣ୍ଣ ଅଞ୍ଚଳକୁ ପ୍ରାୟତଃ ପୋଲିସ ଛାଉଣୀ କରି ଦିଆଯାଇଥିଲା।

ମନ୍ଦିର କମିଟି ପକ୍ଷରୁ ରଣଜିତ୍ ମହାକୁଡ, ସରୋଜ ସାହୁ, ମହାବୀର ଶର୍ମା, ମନୋଜ ଜୟସ୍ୱାଲ ପ୍ରମୁଖ ଝଣ୍ଡା ନେବାରେ ଅଂଶଗ୍ରହଣ କରିଥିବା ବେଳେ ଅନ୍ୟ ସମ୍ପ୍ରଦାୟ ପକ୍ଷରୁ ମହମ୍ମଦ ଅବୁଲ ହାସନ, ନୌସାଦ ଆଲାମ, ମହମ୍ମଦ ଓକିଲ, ମହମ୍ମଦ ସାଫିକ ଏହି ଶୋଭାଯାତ୍ରାରେ ପ୍ରଶାସନ ସହିତ ସାମିଲ ରହିଥିଲେ। ପ୍ରଶାସନ ପକ୍ଷରୁ ଏସ୍‌ପି ମହାପାତ୍ରଙ୍କ ସମେତ ଅତିରିକ୍ତ ଏସ୍‌ପି ସୁଦାମ ଚରଣ ସାହୁ, ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରୀତିମୟ, ମାଜିଷ୍ଟ୍ରେଟ ଦାୟିତ୍ୱରେ ବଡ଼ବିଲ ତହସିଲଦାର ଆଲୋକ ପଟେଲଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀ ଉପସ୍ଥିତ ଥିଲେ। ଏକ ଭାଇଚାରାର ନିଦର୍ଶନ ଦେଖିବାକୁ ମିଳିଥିଲା। ସେଠାରେ ଉପସ୍ଥିତ ଥିବା ଲୋକମାନଙ୍କୁ ଏକ ଗୋଷ୍ଠୀର କେତେକ ଲୋକ ଖରାକୁ ଦୃଷ୍ଟିରେ ରଖି ପାନୀୟ ଜଳ ଦେଇଥିଲେ। ସମୁଦାୟ ଅଞ୍ଚଳରେ ପରିସ୍ଥିତି ଶାନ୍ତ ରହିଛି। ଚମ୍ପୁଆ ଉପଜିଲାପାଳ ପ୍ରୀତିମୟ କହିଛନ୍ତି ଯେ, ପୂର୍ବ ସ୍ଥିତି ଓ ଭାଇଚାରାକୁ ଫେରାଇ ଆଣିବା ପାଇଁ ସମସ୍ତ ଉଦ୍ୟମ କରାଯାଉଛି। ଅଞ୍ଚଳର ସ୍ଥିତିକୁ ଦେଖି ୧୪୪ ଧାରାରେ ସକାଳେ ୨ ଘଣ୍ଟା ଏବଂ ଅପରାହ୍ଣରେ ୨ ଘଣ୍ଟା କୋହଳ କରାଯିବାର ବ୍ୟବସ୍ଥା ପ୍ରଶାସନ କରିବ ବୋଲି ସେ କହିଥିଲେ। ଭିଡ ଜମୁଥିବା ହୋଟେଲ ଏବଂ ଅନ୍ୟାନ୍ୟ ଦୋକାନକୁ ଛାଡି ଦେଇ ଅତ୍ୟାବଶ୍ୟକ ସାମଗ୍ରୀ ବିକୁଥିବା ଦୋକାନଗୁଡିକ ଖୋଲାଯିବ ବୋଲି କହିଥିଲେ। ଏସ୍‌ପି ମହାପାତ୍ର କହିଥିଲେ ଯେ ଯେପର୍ଯ୍ୟନ୍ତ ପୂର୍ବସ୍ଥିତି ଫେରିନାହିଁ ସେପର୍ଯ୍ୟନ୍ତ ପୋଲିସ ଫୋର୍ସ ଅଞ୍ଚଳରୁ ହଟିବ ନାହିଁ। ଏତଦବ୍ୟତୀତ ଗୁଜବ ସୃଷ୍ଟି କରୁଥିବା ସୋସିଆଲ ମିଡିଆ ତଥା ଗ୍ରୁପଗୁଡିକ ଉପରେ ପୋଲିସ ପ୍ରଶାସନ ତୀକ୍ଷଣ ନଜର ରଖିଛି। ପ୍ରଶାସନର ତତ୍ପରତା ଯୋଗୁ ସ୍ଥାନୀୟ ଅଞ୍ଚଳରେ ବାତାବରଣ ସ୍ୱାଭାବିକ ହୋଇପାରିଛି ବୋଲି ସାଧାରଣରେ ଆଲୋଚନା ହେଉଛି।

## ଉପଖଣ୍ଡ ଚିକିତ୍ସାଳୟରେ ସ୍ୱଚ୍ଛତା ପକ୍ଷ

ଉଦଳା,୧୪।୪(ଡି.ଏନ.ଏ.)

କପ୍ତିପଦା ଉପଖଣ୍ଡ ଚିକିତ୍ସାଳୟରେ ୧୫ ଦିନ ବ୍ୟାପୀ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଛି। ରୋଗୀ କଲ୍ୟାଣ ସମିତିର ସଦସ୍ୟମାନେ ଚିକିତ୍ସାଳୟ ପରିସରରେ ସଫେଇ କରି ସମସ୍ତଙ୍କୁ ସ୍ୱଚ୍ଛତା ଉପରେ ସଚେତନ କରିଥିଲେ। ଉଦଳା ଏନ୍‌ଏସିରେ ଥିବା ସମସ୍ତ ୱାର୍ଡରେ ଆଶା ଏବଂ ଅଙ୍ଗନୱାଡି କର୍ମୀମାନଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା। ଡାକ୍ତରଖାନା ଅଧକ୍ଷ ଡା. ଶିବାନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ଡାକ୍ତରଖାନା ଓ ପରିବେଶକୁ ସ୍ୱଚ୍ଛ ରଖିବା ନିମନ୍ତେ କର୍ମଚାରୀମାନେ ଶପଥ ନେଇଥିଲେ। ଉଦଳା ସରକାରୀ ବିଦ୍ୟାଳୟରେ ନବମ ଏବଂ ଦଶମ ଶ୍ରେଣୀର ୪୫ ଜଣ ଛାତ୍ରମାନଙ୍କ ମଧ୍ୟରେ ସୁସ୍ଥ ଜୀବନ ପାଇଁ ସ୍ୱଚ୍ଛତାର ଭୂମିକା ବିଷୟରେ ରଚନା ପ୍ରତିଯୋଗିତା ଆୟୋଜିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉର୍ମିଳା ପଣ୍ଡାଙ୍କ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ସେହିପରି ମେଣ୍ଢାଖାଇ ୟୁଜିଏମଇ ବିଦ୍ୟାଳୟରେ ୭ ପ୍ରକାର ହାତଧୁଆ ପଦ୍ଧତି ଡାକ୍ତରଖାନାର ପରିଚାଳିକା ନିରୁପମା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପ୍ରଦାନ କରାଯାଇଥିଲା।

# ହନୁମାନ ଜୟନ୍ତୀ, ବିଷୁବ ସଂକ୍ରାନ୍ତି



ଖଇରା ସରସ୍ୱତୀ ଶିଶୁମନ୍ଦିର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଖୋଲାଯାଇଥିବା ଜଳଛତ୍ର।

ଖଇରା, ୧୪।୪(ଡି.ଏନ.ଏ.)

ଖଇରା ବ୍ଲକର ବିଭିନ୍ନ ସ୍ଥାନରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାରମ୍ପରିକ ରୀତିରେ ପାଳିତ ହୋଇଯାଇଛି। ସୁନ୍ଥିରାସ୍ଥିତ ହନୁମାନ ମନ୍ଦିର ପରିସରରେ ପରିଚାଳକ ନିରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଘଟତ୍ତୋଳନ ଓ ହୋମ ଯଜ୍ଞାଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୂଜକ ଜଗନ୍ନାଥ ପଣ୍ଡା ହନୁମାନଚାଳିଶା ପାଠ କରାଯାଇଥିଲା। ଏଥିରେ ଶଙ୍କର୍ଷଣ ରାୟ, ଜ୍ୟୋତିରଞ୍ଜନ ବେହେରା, ରଶ୍ମିରଞ୍ଜନ ବେହେରା, ତପନ କୁମାର ବେହେରା ଓ ଅଶେଷ ବେହେରା ସହଯୋଗ କରିଥିଲେ। ଖଇରା ଠାରେ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ବିଷୁବ ସଂକ୍ରାନ୍ତି ପାଳିତ ହୋଇଛି। ସଭାପତି ଶରତ କୁମାର ବିଶ୍ୱାଳ, ସମ୍ପାଦକ ମୁକ୍ତିକାନ୍ତ ଶତପଥି, କୋଷାଧକ୍ଷ ଅନାମ ଚରଣ ପଣ୍ଡା, ସନ୍ତୋଷ କୁମାର ଶତପଥି, ବୁଦ୍ଧିରାମ ପାଣିଗ୍ରାହୀ, ପଦ୍ମନାଭ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବୁଢାଗଡିଆ ପୂଜ୍ୟପୂଜା ସଂସଦ ତରଫରୁ ସଭାପତି ସୁଦାମ ଚରଣ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଦିବସ ପାଳିତ ହେବା ପରେ ଲୋକଙ୍କୁ ପଣା ବଣ୍ଟନ କରାଯାଇଥିଲା। ଏହାଛଡା ଖଇରା ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଦୁର୍ଗାମଣ୍ଡପଠାରେ ଜଳଛତ୍ର ଖୋଲାଯାଇଥିଲା। ସେହିଭଳି ଖଇରା ହନୁମାନ ମନ୍ଦିର, ଭୁଆଁଳଗଡିଆ ହନୁମାନ ମନ୍ଦିରରେ ଜୟନ୍ତୀ ପାଳିତ ହୋଇଯାଇଛି।

# ନିଶା ଖୁଆଇ ବିଧବାଙ୍କୁ ବଳାତ୍କାର

ଭିଡିଓ ଭାଇରାଲ ପରେ ଅଭିଯୁକ୍ତ ଗିରଫ

ଜଳେଶ୍ୱର, ୧୪।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ଖୁଦିଆ ମାଝିସାହି ପଞ୍ଚାୟତ ଗୋପାଳପ୍ରସାଦ ଗାଁର ସନ୍ତୋଷ ବାରିକ(୨୨) ଜଣେ ବିବାହିତା ମହିଳାଙ୍କୁ ନିଶା ଖୁଆଇ ବଳାତ୍କାର କରିଥିବା ଥାନରେ ଅଭିଯୋଗ ହୋଇଛି। ରାଇବଣିଆ ପୋଲିସ ଏକ ମାମଲା(ନଂ.୩୩/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ଉକ୍ତ ମହିଳା ଏକ ସେବାଶ୍ରମରେ ସହାୟିକା ଭାବେ କାର୍ଯ୍ୟ କରୁଥିଲେ। ସେ ଗୋପାଳପ୍ରସାଦ ଗ୍ରାମର ଜଣେ ସମ୍ପର୍କୀୟଙ୍କ ଘରକୁ ବାରମ୍ବାର ଆସୁଥିଲେ। ଏହାର ସୁଯୋଗ ନେଇ ସେହି ଯୁବକଙ୍କ ସହିତ ସମ୍ପର୍କ ଗଢିଉଠିଥିଲା। ଘଟଣା ଦିନ ତାଙ୍କୁ ଜଳେଶ୍ୱର କୋର୍ଟକୁ ବାଇକ୍‌ରେ ନେଇଯିବା ଆଳରେ ଏକ ନିଛାଟିଆ ସ୍ଥାନରେ ଥଣ୍ଡାପାନୀୟ ସହିତ ନିଶାଦ୍ରବ୍ୟ ଖୁଆଇ ଅଚେତ କରାଇଥିଲେ। ଏହାର ସୁଯୋଗ ନେଇ ତାଙ୍କୁ ବଳାତ୍କାର ସହିତ ତାର ଭିଡିଓ ପ୍ରସ୍ତୁତ କରିଥିଲେ। ପରେ ତାଙ୍କୁ ବ୍ଲାକମେଲିଂ କରିବା ଆରମ୍ଭ କରିଥିଲେ। ଲଜ୍ଜା ଓ ଭୟରେ କାହା ଆଗରେ ମହିଳାଜଣକ ପ୍ରକାଶ କରି ନ ଥିବା ବେଳେ ଯୁବକଜଣକ ସେବାଶ୍ରମର ଏକ ହ୍ୱାଟସଆପ୍ ଗ୍ରୁପରେ ଭିଡିଓ ଛାଡିଥିଲେ। ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ସୂଚନା ଦେବା ପରେ ସେ ଥାନାର ଆଶ୍ରୟ ନେଇଥିଲେ। ରାଇବଣିଆ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି।

# ବାଲି ଚୋରା ଚାଲାଣ ରୋକିବାକୁ ଦାବି

ବାରିପଦା ଅଫିସ,୧୪।୪

ମୟୂରଭଞ୍ଜ ଜିଲା ବଡ଼ସାହି ତହସିଲ ଅଧୀନ ବାଗୁଲୀ ଗ୍ରାମବାସୀ ମଙ୍ଗଳବାର ତହସିଲଦାରଙ୍କୁ ଭେଟି ବାଲି ଚୋରା ଚାଲାଣ ରୋକିବା ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ସେମାନେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, କୋଚିଲାଖୁଣ୍ଟା ପଞ୍ଚାୟତ ବାଗୁଲୀ ଗ୍ରାମ ସନ୍ନିକଟ ବୁଢ଼ାବଳଙ୍ଗ ନଦୀରୁ ପ୍ରତିଦିନ ରାତିଠାରୁ ସକାଳ ପର୍ଯ୍ୟନ୍ତ ଟ୍ରାକ୍ଟର ଯୋଗେ ବାଲି ପରିବହନ କରାଯାଉଛି। ବେଆଇନ ଭାବେ ବାଲି ଖନନ କରାଯାଉଥିବାରୁ ନଦୀକୂଳ ସଂଲଗ୍ନ ବାସିନ୍ଦା ବନ୍ୟା ଦାଉରୁ ରକ୍ଷା ପାଇବା ପାଇଁ ସଙ୍କଟରେ ରହିଛନ୍ତି। ପୂର୍ବରୁ ବାଗୁଲୀ ନଦୀ ଘାଟର ସୀମା ନିର୍ଦ୍ଧାରଣ କରାଯାଇ ସେମାନଙ୍କୁ ବାଲି ଘାଟର ଅଧିକାର ଦେବାକୁ ଗ୍ରାମବାସୀ ଦାବି କରିଥିଲେ। ଏହା ସହିତ ଗ୍ରାମର ରାସ୍ତାଘାଟକୁ ସମ୍ପୂର୍ଣ୍ଣ ଭାବେ ମରାମତି କରିବାକୁ ଦାବି କରାଯାଇଥିଲେ ହେଁ ପ୍ରଶାସନ ଏଥିପ୍ରତି ଆଖି ବୁଜି ଦେଇଛି। ତେବେ ଉକ୍ତ ଦାବିକୁ ନେଇ ଗ୍ରାମବାସୀ ପୂର୍ବରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ ହେଁ ତହସିଲଦାରଙ୍କ ପ୍ରତିଶ୍ରୁତି ଅନୁଯାୟୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବାକୁ ବସିଥିବା ବେଳେ ବାଲି ମାଫିଆମାନେ ନାଲି ଆଖି ଦେଖାଇ ରାଜସ୍ୱ ଲୁଟ କରିଚାଲିଛନ୍ତି। ତହସିଲ, ପୋଲିସ, ପରିବହନ ଓ ରାସ୍ତା ନିର୍ମାଣ ଅଧିକାରୀଙ୍କ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଗଲେ ଚୋରା ବାଲି ଚାଲାଣରେ ରୋକ୍ ଲାଗି ପାରିବ ବୋଲି ଗ୍ରାମର ଶରତ ପରିଆଳ, ରାଇମଣି ପରିଆଳ, ଭରତ ପରିଆଳ, ସୁଭଦ୍ରା ପରିଆଳଙ୍କ ସମେତ ଶତାଧିକ ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ଆମ୍ବେଡକର ଜୟନ୍ତୀ

ବାଲିଆପାଳ, ୧୪।୪(ସ୍ୱ.ପ୍ର)

ବାଲିଆପାଳ ଅମ୍ବେଡକର କଲ୍ୟାଣ ସମିତି ପକ୍ଷରୁ ଦେଶର ସମାଜ ସଂସ୍କାରକ, ସମ୍ବିଧାନ ପ୍ରଣେତା ବାବା ସାହେବ ଭୀମରାଓ ଅମ୍ବେଡକରଙ୍କ ଜୟନ୍ତୀ ବାଲିଆପାଳ ପାରୁଳିଆ ଛକଠାରେ ପାଳିତ ହୋଇଯାଇଛି। ସମିତିର ସଭାପତି ବୈଲୋଚନ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧକ୍ଷ କୁଞ୍ଜକାନ୍ତ ପାତ୍ର, ମୁଖ୍ୟବକ୍ତା ବଳରାମ ସାହୁ, ସମ୍ମାନିତ ଅତିଥି ଭାବରେ ସମାଜସେବୀ ଅଜୟ କୁମାର ସାହୁ, ବାଘାଯତୀନ ସ୍ମୃତି ପରିଷଦର ସଭାପତି ଅରବିନ୍ଦ ବେହେରା, ସମାଜସେବୀ ପ୍ରଭାତ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ।

# ମୁସଲିମ ସମାଜ ପକ୍ଷରୁ ପଣା ବଣ୍ଟନ


ପଣା ବଣ୍ଟନ କାର୍ଯ୍ୟକ୍ରମରେ ସାମିଲ ମୁସଲିମ ସମାଜର କର୍ମକର୍ତ୍ତା।

କେନ୍ଦୁଝର, ୧୪।୪ (ସ୍ୱ.ପ୍ର.)

ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ କେନ୍ଦୁଝର ମୁସଲିମ ସମାଜ ପକ୍ଷରୁ ସିରାଜୁଦ୍ଦିନ ଛକଠାରେ ଗୁରୁବାର ଅପରାହ୍ଣରେ ପଣା ଓ ଥଣ୍ଡା ପାନୀୟ ବଣ୍ଟନ କରାଯାଉଛି। ମହାବିଷୁବ ସଂକ୍ରାନ୍ତି ଅବସରରେ ହିନ୍ଦୁ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଶୁଭକାମନା କରାଯାଇଛି। କେନ୍ଦୁଝର ସହରରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଓ ଭାଇଚାରା ବଜାୟ ରଖିବା ପାଇଁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କେନ୍ଦୁଝର ସହରରେ ସଂଖ୍ୟାଲଘୁ ସଂପ୍ରଦାୟ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ପଣାସଂକ୍ରାନ୍ତି ଅବସରରେ ପଣା ଓ ଥଣ୍ଡା ପାନୀୟ ବଣ୍ଟନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁସଲିମ ସମାଜର ହବିବୁର ରେହମାନ, ୱାସିମ ନାୟାର, ମହମ୍ମଦ ସାକିର, ୱାସିମ ବାରି, ଫୟାଜ ହୁସେନ, ଏମ୍‌ଡି ନାହିର, ଏମ୍‌ଡି ଖାଲିଜ, ଅରବାଜ ଅଲ୍ଲୀ, ଏମ୍‌ଡି ସରଫରାଜ, ବାବର ଅଲ୍ଲୀ, ମହମ୍ମଦ ମୋକିଉଦ୍ଦିନ, ଆମାନ ଅଲ୍ଲୀ, ମହମ୍ମଦ ଜୁଲଫିକର, ମୁଜାମିଲ, ହାସିବୁର ରେହମାନ ପ୍ରମୁଖ ସାମିଲ ହୋଇଥିଲେ।

# ତାଲିମ ନେଲେ ୧୦୦ ଚାଷୀ

ବାରିପଦା ଅଫିସ,୧୪।୪



କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀ।

ମୟୂରଭଞ୍ଜ ଜିଲା ପଲ୍ଲୀଶ୍ରୀ ମେଳା ଆନୁକୂଲ୍ୟରେ ଜିଲା କୃଷି ଓ ଆନୁସଙ୍ଗିକ ବିଭାଗ ପକ୍ଷରୁ କୃଷି ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜିଲାର ୨୬ଟି ବ୍ଲକର ଚାଷୀଙ୍କୁ ଆତ୍ମା ଆନୁକୂଲ୍ୟରେ ତାଲିମ ଦିଆଯାଇଛି। ୧୦୦ ଚାଷୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟ ଓ ମହିଳା ଚାଷୀ ୪ଦିନ ଧରି ତାଲିମ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଛନ୍ତି। ଏହି ଅବସରରେ ପ୍ରାକୃତିକ କୃଷି ଓ ଫସଲ ବିବିଧତା ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଜିଲା କୃଷି ଅଧିକାରୀ ରବୀନ୍ଦ୍ର ଖଟୁଆ, ଅନ୍ୟତମ ଅତିଥି ଭାବେ ପ୍ରକଳ୍ପ ନିର୍ଦ୍ଦେଶିକା ଭବାନୀ ଶଙ୍କର କାଲୋ ଯୋଗଦାନ କରି 'ସବୁଜ କୃଷି'ର ଭିତ୍ତିଭୂମି ଓ ମୟୂରଭଞ୍ଜ ଜୈବ ମଣ୍ଡଳର ସୁରକ୍ଷା ସମ୍ବନ୍ଧରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସହକାରୀ କୃଷି ନିର୍ଦ୍ଦେଶକ ଡ.ମନୋଜ କୁମାର ଚାନ୍ଦ ଚାଷୀମାନଙ୍କୁ ଉନ୍ନତମାନର କୃଷି ପଦ୍ଧତି ମାଧ୍ୟମରେ ଫସଲ ବିବିଧତା ସମ୍ପର୍କରେ ବୁଝାଇଥିଲେ। ଉଦ୍ୟାନ କୃଷି, ଗୋପାଳନ, ମାଛ ଓ କୁକୁଡ଼ା ଚାଷ ମାଧ୍ୟମରେ ସମନ୍ୱିତ ଚାଷ ପଦ୍ଧତିକୁ ଆପଣାଇବା ପାଇଁ ପରାମର୍ଶ ଦେଇଥିଲେ। ଭୁବନେଶ୍ୱରସ୍ଥିତ କନକ ବାୟୋସାଇନ୍ସ ଓ ରିସର୍ଚ୍ଚ ଫାଉଣ୍ଡେସନର ନିର୍ଦ୍ଦେଶକ ଡ.ଦୀପକ କୁମାର ସାହୁ ଉପସ୍ଥିତ ରହି ଜୈବିକ ଚାଷରେ ବାସନା ଧାନର ଚାହିଦାକୁ ପାଥେୟ କରି ଚାଷୀମାନଙ୍କୁ ବାସନା ଧାନ ଚାଷ କରିବାକୁ ପରାମର୍ଶ ଦେଇଥିଲେ। ଲଘୁ ଶସ୍ୟ ଚାଷ ତଥା ସନ୍ତୁଳିତ ଖାଦ୍ୟ ଆହାର ଦିଗରେ ୱାସନର ରିସର୍ସପର୍ସନ ପୁଲକ ରଞ୍ଜନ ନାୟକ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଫସଲ ଉତ୍ପାଦନରେ ଉଲ୍ଲେଖନୀୟ ସଫଳତା ପାଇଁ ପ୍ରତି ବ୍ଲକରୁ ଜଣେ ଲେଖାଏ ଚାଷୀଙ୍କୁ ମିଶାଇ ମୋଟ ୨୬ଜଣଙ୍କୁ ସମ୍ମାନିତ କରାଯାଇଥିଲା। ମଧୁସ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## କୃଷି ମହୋତ୍ସବ ଉଦ୍‌ଘାଟିତ

## ବଳାତ୍କାର ଅଭିଯୋଗ: ଯୁବକ ଗିରଫ

**ପାଟଣା,(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ବାରିଆ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ତୁରୁମୁଙ୍ଗାର ଅଞ୍ଚଳର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ମୁନା ନାଏକ। ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କର ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଳୟରେରେ ଡାକ୍ତରୀ ମାଇନା କରାଯାଇଥିବା ଥାନା ଅଧିକାରୀ ମଦନ ମୋହନ ନାଏକ କହିଛନ୍ତି।



## ସଂକ୍ଷେପରେ

### ବନାଗ୍ନି ରୋକିବା ଲାଗି ବନ ବିଭାଗର ଫ୍ଲାଗମାର୍ଚ୍ଚ

**ବିଶୋଇ,୧୪।୪(ଡି.ଏନ.ଏ):** ଅଖଣ୍ଡ ଶିକାର ସହିତ ବନାଗ୍ନି ରୋକିବା ଲାଗି ଜଙ୍ଗଲ ସନ୍ନିକଟ ଗ୍ରାମଗୁଡ଼ିକରେ ବନବିଭାଗ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ରାଇରଙ୍ଗପୁର ବନଖଣ୍ଡ ଅଧୀନ ସରଗଡ଼ା ବନାଞ୍ଚଳର କଁଳାପାଟ ସଂରକ୍ଷିତ ଜଙ୍ଗଲ ନିକଟସ୍ଥ ଗାଁ ଗୁଡ଼ିକରେ ଏହି ଫ୍ଲାଗମାର୍ଚ୍ଚ ଜରିଆରେ ବନକର୍ମଚାରୀମାନେ ସଚେତନତା ସୃଷ୍ଟି କରିଛନ୍ତି। ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ନଳିନୀକାନ୍ତ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ତଥା ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ପ୍ରମୋଦ ସେଠୀଙ୍କ ତତ୍ତ୍ୱାବଧାନରେ ଏହି ଫ୍ଲାଗମାର୍ଚ୍ଚକୁ ସରଗଡ଼ା ବନପାଳ ଜୀବନ ବଲ୍ଲଭ ପାତ୍ର ପରିଚାଳନା କରିଥିଲେ। ରାଇରଙ୍ଗପୁର ବନଖଣ୍ଡ ଅଧୀନ ରାଇରଙ୍ଗପୁର, ସରଗଡ଼ା ବନାଞ୍ଚଳ ଓ ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳର ସମସ୍ତ ବନପାଳ, ବନରକ୍ଷୀ ଓ ସବୁଜବାହିନୀ କର୍ମୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। କଁଳାପାଟ ସଂରକ୍ଷିତ ଜଙ୍ଗଲର ପାଦଦେଶରେ ଥିବା ଟାଙ୍ଗିପାଣି, କୁମାରଡୁବି, ବଡ଼ବିଲ,ଭାଦୁପାଣି,ଡୁମରକୁନ୍ଦର ଆଦି ଆଦିବାସୀ ଅଧୁଷିତ ଗ୍ରାମରେ ସଚେତନତା ସୃଷ୍ଟି କରାଯାଇଥିଲା।

### ମାଟିଘୋଡ଼ା ଦେଇ ପୂଜିଲେ

**ପଦ୍ମପୁର, ୧୪।୪ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବାଲିମେଦର ପ୍ରତ୍ୟକ୍ଷଦେବୀ ଭେଡ଼ାନାୟକାଣୀ ପୀଠରେ ଗୁରୁବାର ପଣା ସଂକ୍ରାନ୍ତିରେ ହଜାର ହଜାର ଶ୍ରଦ୍ଧାଳୁ ମାଟିଘୋଡ଼ା ବସାଇ ପୂଜାର୍ଚ୍ଚନା କରିବା ସହ ପରିବାରର ଶୁଭ ମନାସିଛନ୍ତି। ସ୍ଥାନୀୟ ବାଲିମେଦ, ଜଗନ୍ନାଥପ୍ରସାଦ, ରାଜଘରପୋଖରୀ, ବିରସ, ବିଦେଇପୁର, ନାୟକାଣିଡିହୀ, ଆନ୍ଦୋଳା, କରଞ୍ଜଆଡ଼ିଆ, ଲକ୍ଷ୍ମୀଦାସପୁର, ବାସୁଦେବପୁର ତଥା ଜିଲାର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମନ୍ଦିର ପରିଚାଳନା କମିଟିର ପ୍ରଫୁଲ୍ଲ କୁମାର ପଲିତା, ଭାସ୍କର ଭୋଇ, ସିଦ୍ଧାର୍ଥ ଶଙ୍କର ପଟ୍ଟନାୟକ, ମିନୁ ପଟ୍ଟନାୟକ, ଗୁଟୁ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଭଦ୍ରକ ବ୍ଲକର ମା’ ତାରାଶୁଣୀଙ୍କ ପୀଠରେ ଭକ୍ତମାନେ ପୂଜାର୍ଚ୍ଚନା କରିଥିଲେ। ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ଓ ପଣା ବଣ୍ଟନ କରାଯାଇଥିଲା।

### ୨୪ଘଣ୍ଟିଆ ତ୍ରିରଙ୍ଗା ପତାକା ଉଡ଼ାଣ ନେଇ ଦାବିପତ୍ର

**ବାରିପଦା ଅଫିସ,୧୪।୪:** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିସରରେ ଅହୋରାତ୍ର ଜାତୀୟ ପତାକା ଉଡ଼ାଣ ନିମନ୍ତେ ଏକ ପ୍ରତିନିଧି ଦଳ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ଉପସ୍ଥିତିରେ କୁଳପତିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଜାତୀୟ ପତାକା ଉଡିବା ଦ୍ୱାରା ବିଦ୍ୟାର୍ଥୀଙ୍କ ମଧ୍ୟରେ ରାଷ୍ଟ୍ରପ୍ରେମ ଜାଗ୍ରତ ହେବ ବୋଲି ପ୍ରକାଶ କରିଛନ୍ତି। ଏଥିରେ ରାଜ୍ୟ ବିଶ୍ୱ ବିଦ୍ୟାଳୟର ସଂଯୋଜକ ଏମ.ପି ଜ୍ୟୋତିପ୍ରକାଶ, ଅଂଶୁମାନ ମହାରଣା, କଳ୍ପତରୁ ଦାଶ, ପ୍ରଦୀପ କୁମାର ସ୍ୱାଇଁ, ସୌମ୍ୟରଞ୍ଜନ ପାତ୍ର ଓ ପରମେଶ୍ୱର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ଢେଙ୍କିକୋଟରେ ପଣା ସଂକ୍ରାନ୍ତି ପାଳିତ

**ଢେଙ୍କିକୋଟ, ୧୪।୪(ଡି.ଏନ.ଏ.):** କେନ୍ଦୁଝର ଜିଲା ଢେଙ୍କିକୋଟ ଠାରେ ଗୁରୁବାର ମହାବିଷୁବ ପଣା ସଂକ୍ରାନ୍ତି ଧୁମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ଢେଙ୍କିକୋଟ ବଣିକ ସଂଘ ଓ ଆନନ୍ଦପୁର ମା’ ମଙ୍ଗଳା ସେବା ସଂଗଠନ ତରଫରୁ ଟଙ୍କ ତୋରାଣି ସାଙ୍ଗକୁ ପଣା ବଣ୍ଟନ କାର୍ଯ୍ୟକ୍ରମ କରାଯାଇଛି। ଦୂରଦୁରାନ୍ତ ଯାତ୍ରୀ ଓ ବଜାରକୁ ସଉଦା କରିବା ପାଇଁ ଆସିଥିବା ସମସ୍ତେ ପଥିକଙ୍କୁ ପଣା ଦିଆଯାଇଛି।

### ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଧାମନଗର, ୧୪।୪ (ଡି.ଏନ.ଏ.):** ମହାବିଷୁବ ସଂକ୍ରାନ୍ତି ଅବସରରେ ଗୁରୁବାର ଧାମନଗର ବ୍ଲକର ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ବାଲିପାଟଣାସ୍ଥିତ ହନୁମାନ ମନ୍ଦିରର ବାର୍ଷିକ ପୂଜା ସହ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମହିଳା ଓ ପୁରୁଷ ବ୍ରତଧାରୀ ସ୍ଥାନୀୟ ବୈତରଣୀ ନଦୀରୁ କଳସ ଶୋଭାଯାତ୍ରାରେ ଜଳ ଆଣି ମଣ୍ଡପରେ ସ୍ଥାପନ କରିବା ପରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ଜଗତେଶ୍ୱର ମନ୍ଦିର, ହରିହର ମହାଦେବ, ଝାଡ଼େଶ୍ୱର ମହାଦେବ, ଜାନକେଶ୍ୱର, ବାବା କିଲାଲେଶ୍ୱର ମହାଦେବ ଆଦି ମନ୍ଦିରରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥିଲେ।

# ଆଲଟମେଣ୍ଟକୁ ବିଭାଜନ କରି କାର୍ଯ୍ୟ କରୁଛି ପୂର୍ତ୍ତ ବିଭାଗ

- ଫଲ୍ସ ବିଲ୍ ମାଧ୍ୟମରେ ଅର୍ଥ ହଡ଼ପ ଅଭିଯୋଗ
- ଭିଜିଲାନ୍ସ ତଦନ୍ତ ଦାବି

**ମାନସ ବିଶ୍ୱାଳ**
**ବାଲେଶ୍ୱର ଅଫିସ,୧୪।୪**

ବାଲେଶ୍ୱର ପୂର୍ତ୍ତ ବିଭାଗ ଦ୍ୱାରା ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସରକାରଙ୍କ ଦ୍ୱାରା କରାଯାଉଛି। ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକୁ ଟେଣ୍ଡର କରି କାର୍ଯ୍ୟ କରିବା ବଦଳରେ ସ୍ଥାନୀୟ ଅଧିକାରୀ ପ୍ରକଳ୍ପର ଆଲଟମେଣ୍ଟକୁ ଛୋଟ ଛୋଟ ଭାଗରେ ବିଭାଜନ (ସ୍ପ୍ଲିଟ୍ ଅପ୍) କରି କାର୍ଯ୍ୟ କରାଉଥିବା ଦେଖିବାକୁ ମିଳିଛି। ଏହା ଯୋଗୁ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ କରିବାର ମାନ କମିବା ସହ ଫଲସ ବିଲ୍ ମାଧ୍ୟମରେ ଅର୍ଥ ହଡ଼ପ କରାଯାଉଥିବା ଅଭିଯୋଗ ହୋଇଛି। ଏହାର ଭିଜିଲାନ୍ସ ତଦନ୍ତ ଦାବି କରାଯାଇଛି।

ମିଳିଥିବା ଆର୍‌ଟିଆଇ ତଥ୍ୟ ଅନୁସାରେ ବାଲେଶ୍ୱର ଜିଲା ପୂର୍ତ୍ତ ବିଭାଗ ଅଧୀନରେ ଥିବା ରାଣୀତାଲ-କୁପାରୀ ରୋଡ଼ରେ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତରଣ ଏବଂ ରାସ୍ତାର ପୁନରୁଦ୍ଧାର ଲାଗି ୧କୋଟି ୭୪ଲକ୍ଷ ୭୯ହଜାର ୧ଶହ ଟଙ୍କା ଅଟକଳ କରାଯାଇଥିଲା। ଏହାକୁ ଓଡ଼ିଶା ପବ୍ଲିକ ୱାର୍କସ୍ ଡିପାର୍ଟମେଣ୍ଟ କୋଡ୍ ଭଲ୍ୟୁମ୍-୧ର ପାରା ୩, ୫, ୨୪ ଅଧିନିୟମକୁ ଉଲ୍ଲଂଘନ କରି ୫ଲକ୍ଷରୁ କମ୍ ଟଙ୍କା ଲେଖାଏ ୩୮ଟି ଛୋଟ ଛୋଟ ପ୍ରକଳ୍ପ ପ୍ରସ୍ତୁତ କରାଯାଇ ପୂର୍ତ୍ତ ବିଭାଗ (ରାସ୍ତା ଓ ଗୃହ) ବିଭାଜନ-୧ର ଅଧୀକ୍ଷଣ ଯନ୍ତ୍ରୀ ଅନୁମୋଦନ କରାଇଥିବା ଜଣାପଡ଼ିଛି। ସେହିପରି ସେରଗଡ଼-ନୀଳଗିରି ଝରଣାଘାଟି ରୋଡ଼ର ୮୯ଲକ୍ଷ ୯୮ହଜାର ୨ଶହ ୩୮ ଟଙ୍କାର ଅଟକଳକୁ ୨୩ଟି ଛୋଟ ଛୋଟ ପ୍ରକଳ୍ପ, ବାଲେଶ୍ୱର-ମିତ୍ରପୁର-ବଇଞ୍ଚା ରୋଡ୍ ପାଇଁ ୧କୋଟି ୫ଲକ୍ଷ ୫୬ହଜାର ୪ଶହ ୨୬ ଟଙ୍କାର ଅଟକଳକୁ ୩୧ଟି ଛୋଟ ଛୋଟ ପ୍ରକଳ୍ପ, ଓଟି ରୋଡ୍-ସୁରଜ ହୋଟେଲ ରୋଡ୍ ପାଇଁ ୫୬ଲକ୍ଷ ୧୬ହଜାର ୫ଶହ ୭୮ଟଙ୍କାର ଅଟକଳକୁ ୧୨ଟି ଛୋଟ ଛୋଟ ପ୍ରକଳ୍ପ, ଗଡ଼ଗଡ଼ିଆ-ପୁରୁଣାବାଲେଶ୍ୱର ରୋଡ୍ ପାଇଁ ୧କୋଟି ୧୧ଲକ୍ଷ ୧୬ହଜାର ୯ଶହ ୧୯ ଟଙ୍କାର ଅଟକଳକୁ ୨୩ଟି ଛୋଟ ଛୋଟ ପ୍ରକଳ୍ପ, ଚାନ୍ଦିପୁର ବାଇପାସ୍ ରୋଡ୍ ପାଇଁ ୩୫ଲକ୍ଷ ୧୩ହଜାର ୬ଶହ ୬୮ ଟଙ୍କାର ଅଟକଳକୁ ୭ଟି ଛୋଟ ଛୋଟ ପ୍ରକଳ୍ପ ସହ ବାଲେଶ୍ୱର କଲେକ୍ଟୋରିଏଟ୍-ସିଡିଭିଓ ଅଫିସ୍ ରୋଡ୍ ପାଇଁ ୪୨ଲକ୍ଷ ୨୪ହଜାର ୭ଶହ ୪୩ ଟଙ୍କାର ଅଟକଳକୁ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତରଣ ପାଇଁ ୯ଟି ଛୋଟ ଛୋଟ ପ୍ରକଳ୍ପ ଭଳି କୋଟି କୋଟି ଟଙ୍କାର ପ୍ରକଳ୍ପକୁ ସ୍ପ୍ଲିଟ୍ ଅପ୍ କରାଯାଇ ଠିକାଦାରମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହାକୁ ‘ଦୁର୍ନୀତି ବିରୋଧରେ ଆମେ’ ସଙ୍ଗଠନ ପକ୍ଷରୁ ଓଡ଼ିଶା ପବ୍ଲିକ ୱାର୍କସ୍ ଡିପାର୍ଟମେଣ୍ଟ କୋଡ୍ ଭଲ୍ୟୁମ୍-୧ର ଅଧିନିୟମକୁ ଉଲ୍ଲଂଘନ କରାଯାଇ ଫଲ୍‌ସ ବିଲ୍ ମାଧ୍ୟମରେ ଅଧିକାରୀମାନେ ଅର୍ଥ ହଡ଼ପ କରୁଥିବା ଅଭିଯୋଗ ଅଣାଯାଇଛି। ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗପତ୍ରରେ ଜଣାଇଛନ୍ତି। ବଡ଼ ବଡ଼ ପ୍ରକଳ୍ପକୁ ସ୍ପ୍ଲିଟ୍ ଅପ୍ କରିବା ଏବଂ ଗୋଟିଏ କାର୍ଯ୍ୟକୁ ନାମ ବଦଳାଇ ବାରମ୍ବାର ପ୍ରକଳ୍ପ ପ୍ରସ୍ତୁତ କରିବା, ଫଲସ୍ ବିଲ୍ କରି ଅର୍ଥ ହଡ଼ପ କରିବା ସୁଯୋଗ ଥିବା ସଙ୍ଗଠନ ତରଫରୁ ଅଭିଯୋଗ କରାଯାଇଛି।

ଏ ନେଇ ବାଲେଶ୍ୱର ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରାମଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ସେ କହନ୍ତି, ପ୍ରକଳ୍ପକୁ କୌଣସି ପ୍ରକାର ସ୍ପ୍ଲିଟ୍ ଅପ୍ କରାଯାଇନାହିଁ। ନିୟମ ଅନୁସାରେ କାର୍ଯ୍ୟ ସମ୍ପାଦନା କରାଯାଉଥିବା ପ୍ରକାଶ କରିଛନ୍ତି। ବାଲେଶ୍ୱର ଡିଭିଜନ ପୂର୍ତ୍ତ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ରଥାଙ୍ଗଧର ରାଉତ କହନ୍ତି, କୌଣସି ବୃହତ୍ ପ୍ରକଳ୍ପ ଆଲଟମେଣ୍ଟକୁ ସ୍ପ୍ଲିଟ୍ ଅପ୍ କରାଯାଇପାରିବ ନାହିଁ। ଯଦି ପୂର୍ବରୁ ସ୍ପ୍ଲିଟ୍ ଅପ୍ କରି ଆଲଟମେଣ୍ଟ ଅଣାଯାଇଥିବ, ତା’ହେଲେ ଆଇନ ସମ୍ମତ। ଏଭଳି କୌଣସି ଅଭିଯୋଗ ମିଳିନାହିଁ। ଯଦି ଜଣାପଡ଼େ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।



ବାଲେଶ୍ୱର ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ।

# ବୃଦ୍ଧଙ୍କୁ ଶାବଳରେ ଭୁସି ହତ୍ୟା

**ବଡ଼ବୋହୂ, ପୁଅ ଅଟକ**

**ବାଲେଶ୍ୱର ଅଫିସ, ୧୪।୪**

ବାଲେଶ୍ୱର ଜିଲା ରେମୁଣା ଥାନା ଅଧୀନ ବଡ଼ପାଳ ପଞ୍ଚାୟତ କାକବାରାଇ ଗ୍ରାମରେ ଜଣେ ବୃଦ୍ଧଙ୍କୁ ବିଭତ୍ସ ଭାବେ ହତ୍ୟା କରାଯାଇଛି। ତାଙ୍କ ମୁଣ୍ଡକୁ ଶାବଳରେ ଭୁସି ହତ୍ୟା କରାଯାଇଥିବା ନେଇ ସାନପୁଅ ଅଭିଯୋଗ କରିଛନ୍ତି। ଏନେଇ ରେମୁଣା ଥାନାରେ ମାମଲା (ନଂ. ୬୦/୨୨) ରୁଜୁ କରି ପୋଲିସ ବଡ଼ପୁଅ ଗଣେଶ ଜେନା ଓ ବୋହୂ ପଦ୍ମାବତୀଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଥିବା ଥାନାଧିକାରୀ ରବିନାରାୟଣ ଭୂୟାଁ ସୂଚନା ଦେଇଛନ୍ତି।

କାକବାରାଇ ଗ୍ରାମର ବୃଦ୍ଧ ରଘୁନାଥ ଜେନା (୭୫) ବୁଧବାର ରାତିରେ ଘରେ ଶୋଇଥିଲେ। ହଠାତ୍ ତାଙ୍କ ଉପରେ ଆକ୍ରମଣ ହୋଇଥିଲା। ଆକ୍ରମଣକାରୀ ଏକ ଲୁହା ଶାବଳରେ ବୃଦ୍ଧଙ୍କ ମୁଣ୍ଡକୁ ମାଡ଼ ମାରିବା ସହ ଆଖିରେ ଭୁସି ଦେଇଥିଲେ। ଏଥିରେ ବୃଦ୍ଧଙ୍କର ପ୍ରବଳ ରକ୍ତସ୍ରାବ ହେବା ସହ ଅଚେତ୍ ଅବସ୍ଥାରେ ପଡ଼ିରହିଥିଲେ। ଘଟଣା ଜାଣିବା ପରେ ପରିବାର ପକ୍ଷରୁ ରେମୁଣା ଥାନାକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଥିଲା। ପରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତରେ ସହାୟତା କରିଥିଲେ। ତେବେ ହତ୍ୟା ପଛରେ କାହାର ହାତ ରହିଛି ତାକୁ ନେଇ ସନ୍ଦେହ ଘନୀଭୂତ ହୋଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ପୁଅ ମାଡ଼ରେ ମା’ ମୃତ

**କୁଳିଅଣା,୧୪।୪(ଡି.ଏନ.ଏ./ସ୍ୱ.ପ୍ର.)**

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ଯୋଡ଼ାପାଳ ଗ୍ରାମରେ ପୁଅ ମାଡ଼ରେ ମା’ଙ୍କ ମୃତ୍ୟୁ ହେବା ଆଲୋଡ଼ନ ସୃଷ୍ଟି କରିଛି। ମୃତ ମହିଳା ଜଣକ ହେଲେ ଚନ୍ଦ୍ରିକା ନାଏକ(୬୦)। ପୋଲିସ ଅଭିଯୁକ୍ତ ପୁଅ ପରେଶଙ୍କୁ ଗିରଫ ପରେ ଗୁରୁବାର କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୫୮/୨୨) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ରାତି ୧୦ଟା ସମୟରେ ପାରିବାରିକ କଳହକୁ ନେଇ ଚନ୍ଦ୍ରିକାଙ୍କ ସହ ପରେଶଙ୍କର ବଚସା ହେଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପରେଶ ତାଙ୍କ ମା’ଙ୍କୁ ମାଡ଼ ମାରିବା ସହ କଚାଡ଼ି ଦେଇଥିଲେ। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ବେଳେ ବୁଧବାର ସେଠାରେ ମୃତ୍ୟୁ ହୋଇଥିଲା। ପରେଶଙ୍କ ସ୍ତ୍ରୀ କଳ୍ପନା ଏନେଇ କୁଳିଅଣା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ଅଭିଯୁକ୍ତଙ୍କୁ ଗିରଫ କରିଛି।

# କବିତା ମୂର୍ଚ୍ଛନାରେ ଗୁଞ୍ଜରିତ ଡୁଙ୍ଗୁରା ମାଟି



ସାହିତ୍ୟ ସମାରୋହରେ ମଞ୍ଚାସୀନ ଅତିଥି।

**ଖଇରା, ୧୪।୪(ଡି.ଏନ.ଏ.)**

ଖଇରା ସାହିତ୍ୟ ସଂସଦ ପକ୍ଷରୁ ଏକ ସାରସ୍ୱତ ବସନ୍ତ ମିଳନ ଉତ୍ସବ ଗୁରୁବାର ଖଇରା ବ୍ଲକର ଡୁଙ୍ଗୁରା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ମାୟାଧର ନାୟକ ପୌରୋହିତ୍ୟ କରିଥିଲେ। ସମ୍ପାଦକ ଉମେଶ ଚନ୍ଦ୍ର ନାୟକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟ ଗବେଷକ ହରିହର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ଡା ଉମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇ କେବଳ ଗ୍ରୀଷ୍ମ ନୁହେଁ କବିଟିଏ ଚାହିଁଲେ ପ୍ରତ୍ୟେକ ଋତୁରେ ବସନ୍ତର ଭାବନା ଜାଗ୍ରତ କରାଯାଇପାରିବ ବୋଲି କହିଥିଲେ। ଶୁଭେଚ୍ଛୁ କୈଳାସ ବେହେରା, ଗଣେଶ ପାଣିଗ୍ରାହୀ, ଅର୍ଜୁନ ମଣ୍ଡଳ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ଆୟୋଜିତ କବିତା ପାଠୋତ୍ସବରେ ମୋଟ ୨୫ଜଣ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ରୀତାରାଣୀ ଦାସ ସମୀକ୍ଷିକା ଓ ସୁରମା ପାଣି ସଂଯୋଜିକା ଦାୟିତ୍ୱ ତୁଲାଇଥିଲେ। ହରେକୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସସ୍ମିତା ଗିରି, ତ୍ରିଲୋଚନ ପାତ୍ର, ସୂର୍ଯ୍ୟନାରାୟଣ ବେହେରା, ବସନ୍ତ କୁମାର ଦାସ, ଅନ୍ନପୂର୍ଣ୍ଣା ପତି, ଅନୁସୂୟା ବେହେରା ଓ ମମତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ବାଲୁକେଶ୍ୱର ମହାଦେବଙ୍କ ପାଟ ଉତ୍ସବ ଉଦ୍‌ଯାପିତ

**ଭୋଗରାଇ,୧୪।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ବାଲିମ ଗ୍ରାମରେ ଅଧିଷ୍ଠିତ ଶ୍ରୀ ବାଲୁକେଶ୍ୱର ମହାଦେବଙ୍କ ପାଟ ଉତ୍ସବ ବୁଧବାର ଶେଷ ହୋଇଛି। ୧୩ଦିନ ଧରି ବହୁ ଶୈବଭକ୍ତ ମହାଦେବଙ୍କଠାରେ ବ୍ରତ ପାଳନ କରିଥିଲେ। ମହାଦେବଙ୍କଠାରେ ଉପବୀତଧାରୀ ଭକ୍ତମାନେ ଜୀଉଙ୍କୁ ପୂଜାର୍ଚ୍ଚନା କରିବା ସହିତ ଅର୍ଘ୍ୟଦାନ ପରେ ହବିଷ ପାଳିଥିଲେ। ଭକ୍ତମାନଙ୍କ ଦ୍ୱାରା ଗ୍ରାମରେ ଶିବନୃତ୍ୟ ପ୍ରଦର୍ଶିତ ହୋଇଥିଲା। ବୁଧବାର ପାଟ ଉତ୍ସବରେ ଆଖପାଖ ଗ୍ରାମର ବହୁ ଯାତ୍ରୀଙ୍କ ସମାଗମ ହୋଇଥିଲା। ପାଟ ଉତ୍ସବରେ ଶ୍ରଦ୍ଧାଳୁ ଓ ଶୈବଭକ୍ତଙ୍କ ମଧ୍ୟରେ ଫୁଲ, ଚନ୍ଦନରେ ପରସ୍ପର କୋଳାକୋଳି ହୋଇ ଭାଇଚାରା ବାର୍ତ୍ତା ବାଣ୍ଟିଥିଲେ। ମହାଦେବଙ୍କ ପାଟ ଭକ୍ତ ସୀତାରାମ ଘୋଷଙ୍କ ସହିତ ଗ୍ରାମର ପୂଜା କମିଟି ପକ୍ଷରୁ ମେଳା ପରିଚାଳନା କରାଯାଇଥିଲା। ଏହି ରିପୋର୍ଟକୁ ଶିଶୁ ଖବରଦାତା ସୁବ୍ରତ କୁମାର ଖଟୁଆ ‘ଧରିତ୍ରୀ’ର ଦୃଷ୍ଟିକୁ ଆଣିଥିଲେ।

# ଆଖଣ୍ଡଳମଣି ମନ୍ଦିରରେ ଜଳଲାଗି କଲେ ଗୋପାଳ

**ଆରମ୍ଭ ହେଲା ଶୀତଳ ଉପଚାର**

**ଆରଡ଼ି, ୧୪।୪ (ଡି.ଏନ.ଏ.)**

ମହାବିଷୁବ ସଂକ୍ରାନ୍ତିରେ ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିର ଆଖଣ୍ଡଳମଣି ମନ୍ଦିରରେ ସ୍ଥାନୀୟ ଅଞ୍ଚଳର ଗୋପାଳମାନେ ବାବାଙ୍କ ମସ୍ତକରେ ଜଳଲାଗି କରିଛନ୍ତି। ଗୁରୁବାର ଭୋର ୫ ଟାରେ ପହଡ଼ ଖୋଲାଯାଇ ମଙ୍ଗଳ ଆଳତି କରାଯାଇଥିଲା। ଅନ୍ୟାନ୍ୟ ପୂଜା ପରେ ପାଣି ଭାର ଧରି ଲମ୍ବାଧାଡ଼ିରେ ପ୍ରତୀକ୍ଷାରତ ଗୋପାଳମାନେ ଜଣଙ୍କ ପରେ ଜଣେ ମନ୍ଦିର ଗର୍ଭଗୃହକୁ ପ୍ରବେଶ କରିଥିଲେ। ଏହାପରେ ସେମାନେ ୨ଟି ପିତ୍ତଳ ଗରାରେ ନିକଟସ୍ଥ ବୈତରଣୀ ନଦୀରୁ ଆଣିଥିବା ଜଳକୁ ସେବାୟତମାନେ ବାବାଙ୍କ ମସ୍ତକରେ ଢାଳିଥିଲେ। ସଂକ୍ରାନ୍ତିରେ ପ୍ରାୟ ୧ ହଜାରରୁ ଅଧିକ ଗୋପାଳ ଜଳଲାଗି କରିଥିବା ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ସ୍ଥାନୀୟ ମୁଆଁ, ସିଙ୍ଗିପୁର, ବାଟୋଲ, ନାନ୍ଦପୁର, ବାଙ୍କମୁହାଁ, କୁଲେଇପଦା, ଓଳଗ, ଷାଠିବାଙ୍କୁଡ଼ା, ବୋଡ଼କ, ଅମୃତମଣୋହି, ଦୋହରାପାଟଣା, ସୁନ୍ଦରପୁର, ପାଳସାହି, ସାଆଁଳପୁର, ରଇପୁର, କଣ୍ଟିକା, ବାଙ୍କସାହି, ଶ୍ୟାମସୁନ୍ଦରପୁର, ଉପରଦୁମୁକା, ତଳଦୁମୁକା, ପଡ଼ୋଶୀ ଯାଜପୁର ଜିଲାର ଇଚ୍ଛାପୁର, କୟାଁ, ଗୁଣ୍ଡୁଣିପଡ଼ା, କେନ୍ଦ୍ରାପଡ଼ା ଜିଲାର କନପୁର, ଗୁଣ୍ଡୁଳ, ଭାମଣ୍ଡା, ବଟରପଡ଼ା ଆଦି ଗାଁର ଗୋପାଳମାନେ ଜଳଲାଗି କରିଛନ୍ତି। ସଂକ୍ରାନ୍ତି ବ୍ୟତୀତ ବୈଶାଖ ମାସର ପ୍ରତ୍ୟେକ ସୋମବାର ମଧ୍ୟ ସେମାନେ ଜଳଲାଗି କରିବେ ବୋଲି କୁହାଯାଇଛି। ଗୁରୁବାରଠାରୁ ବାବାଙ୍କର ଶୀତଳ ଉପଚାର ନୀତି ଆରମ୍ଭ ହୋଇଛି। ଏହା ବୈଶାଖ ମାସ ସାରା ଚାଲୁ ରହିବ ବୋଲି ସେବାୟତଙ୍କ ଠାରୁ ପ୍ରକାଶ। ଏହି ଶୀତଳ ଉପଚାର ନୀତି ଅନୁସାରେ ବାବାଙ୍କ ମସ୍ତକ ଉପରି ଭାଗରେ ଏକ ପିତ୍ତଳ ଝରିରେ ସୁବାସିତ ଜଳ ପୂର୍ଣ୍ଣ କରି ରଖାଯାଇଥାଏ। ଝରିର ତଳଭାଗରେ ଏକ ଛିଦ୍ର ଦ୍ୱାରା ବାବାଙ୍କ ମସ୍ତକରେ ଦିନତମାମ ଜଳବିନ୍ଦୁ ପଡ଼ିଥାଏ। ଏଥିସହ ମଙ୍ଗଳ ଆଳତି ପରେ ବାବାଙ୍କୁ ବେଲ, କଦଳୀ, ଛେନା, ଦହି, ଗୁଡ଼, ନାରିକେଳ ମିଶ୍ରିତ ପଣା ଭୋଗ ଅର୍ପଣ କରାଯାଇଥିଲା। ପରେ ଏହି ପଣାଭୋଗ ଶ୍ରଦ୍ଧାଳୁମାନଙ୍କୁ ଦିଆଯାଇଥିଲା। ବାବାଙ୍କର ଏହି ଭୋଗ ସେବନ କଲେ ଚର୍ମରୋଗ ଦୂର ହୁଏ ବୋଲି ବିଶ୍ୱାସ ରହିଛି। ଉଲ୍ଲେଖ ଯେ, କରୋନା କଟକଣା ଯୋଗୁ ଗୋପାଳମାନେ ଦୁଇବର୍ଷ ଧରି ଜଳଲାଗି କରିପାରି ନ ଥିଲେ।



ଜଳଲାଗି ପାଇଁ ଗୋପାଳମାନେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

# ଗଡ଼ଚଣ୍ଡୀ, ସ୍ୱର୍ଣ୍ଣମୟୀ ପୀଠରେ ବିଷୁବ ମେଳା

**ବନ୍ତ,୧୪।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋସ୍ଥିତ ମା’ ଗଡ଼ଚଣ୍ଡୀଙ୍କ ପୀଠରେ ଗୁରୁବାର ବିଷୁବ ମେଳା ଅନୁଷ୍ଠିତ ହୋଇଛି। ସୁବାସ ବିଶ୍ୱାଳ ଓ ଅନୁପମା ବିଶ୍ୱାଳ ପୂଜାରେ ସଂକଳ୍ପ କରିଥିଲେ। ପୂଜକ ଗଦାଧର ପଣ୍ଡା, ମାନସ ମିଶ୍ର ଓ ଈଶ୍ୱର ବାରିକଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପାଦନ ହେଉଛି। ପ୍ରାୟ ୨ ଶହ ବର୍ଷ ହେଲା ଏହି ପୀଠରେ ମେଳା ଅନୁଷ୍ଠିତ ହୋଇଆସୁଛି। ଏଠାରେ ମାନସିକ ପୂରଣ ପାଇଁ ଭଦ୍ରକ ଓ କେନ୍ଦୁଝର ଜିଲାରୁ ଶ୍ରଦ୍ଧାଳୁମାନେ ଆସିଥାନ୍ତି। ସନ୍ଧ୍ୟାରେ ପାରମ୍ପରିକ ଭାବେ ମାନସିକ ପୂରଣ ପାଇଁ ପ୍ରତିଦ୍ୱନ୍ଦ୍ୱିତା ପୂର୍ଣ୍ଣ ପାଟୁଆ ନାଚ ଅନୁଷ୍ଠିତ ହେବ। ଭଲ ପ୍ରଦର୍ଶନ କରିଥିବା ଦଳକୁ କମିଟି ପକ୍ଷରୁ ପୁରସ୍କୃତ କରାଯିବ। କମିଟିର ପ୍ରଶାନ୍ତ ରାଉତ, ଦୀପଙ୍କର ସ୍ୱାଇଁ, ପ୍ରିୟଙ୍କର ସ୍ୱାଇଁ, ଗଙ୍ଗାଧର ରାଜ, ତେଜୋମୟ ସାମଲ, ସୁଶାନ୍ତ ଶେଖର ସ୍ୱାଇଁ, କୁନା ରାଜ ପ୍ରମୁଖ ମେଳା ପରିଚାଳନାରେ ସହଯୋଗ କରୁଛନ୍ତି।

ସେହିପରି ନିଳୋକ ପଞ୍ଚାୟତ ଭଣ୍ଡାରଗଡ଼ିଆଠାରେ ମା’ ସ୍ୱର୍ଣ୍ଣମୟୀ ଦେବୀଙ୍କ ପୀଠରେ ଏହି ମେଳା ଅନୁଷ୍ଠିତ ହୋଇଛି। ମହାଦେବ ପୁଷ୍କରିଣୀରୁ ଜଳ ଅଣାଯାଇ ଘଟ ସ୍ଥାପନା ପୂର୍ବକ ପୂଜା କାର୍ଯ୍ୟ ଆରମ୍ଭ ହୋଇଛି। ରଘୁନାଥ ନାୟକ, କୃଷ୍ଣଚନ୍ଦ୍ର ଲେଙ୍କା, ପର୍ଶୁରାମ ନାୟକ, ଅଭିମନ୍ୟୁ ରାଉତ, ସଂଗ୍ରାମ କେଶରୀ ଲେଙ୍କା, ବଟକୃଷ୍ଣ ରାଉତ, କୃପାସିନ୍ଧୁ ମହାନ୍ତି, ପ୍ରଦୀପ ଜେନା, ଧ୍ରୁବ ଚରଣ ଲେଙ୍କା, ରମେଶ ଲେଙ୍କା, ସାବିତ୍ରୀ ଲେଙ୍କା, କୌଶଲ୍ୟା ନାୟକ ଓ ସଂଯୁକ୍ତା ନାୟକ କଳସ ଆଣିଥିଲେ। ପୂଜକ ପଦ୍ମନାଭ ପଣ୍ଡା, ନାରାୟଣ ଦ୍ୱିବେଦୀ, ଉପେନ୍ଦ୍ର ମିଶ୍ର, ବସନ୍ତ ମିଶ୍ରଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପାଦନ ହେଉଛି। ଏଠାରେ ୩ ଦିନ ମେଳା ଅନୁଷ୍ଠିତ ହେବ।

# କୋହି ଘଟ ମେଳାରେ ୩୦ ହଜାର ଶ୍ରଦ୍ଧାଳୁ

**ମୋରଡ଼ା,୧୪।୪(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ କୋହି ଗ୍ରାମସ୍ଥିତ ବାବା ଜଗତେଶ୍ୱର ମହାଦେବଙ୍କ ପୀଠରେ ପ୍ରସିଦ୍ଧ କୋହି ଘଟ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ହଳଦୀପାଳ ପଞ୍ଚାୟତରେ ଅଧିଷ୍ଠିତ ମା’କ୍ଷେତ୍ରପାଳଙ୍କ ପୀଠରେ ଚଳିତ ବର୍ଷ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

# ସରିଲା ଚୈତ୍ର ଉଡ଼ାଯାତ୍ରା

**ରାଇରଙ୍ଗପୁର/କୁଆମରା, ୧୪।୪(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସହର ଓ ଗୋପବନ୍ଧୁ ନଗର ବ୍ଲକ ଅଞ୍ଚଳରେ ଚୈତ୍ର ଉଡ଼ା ପର୍ବ ପାଳିତ ହୋଇଯାଇଛି। ରାଇରଙ୍ଗପୁର ସହରାଞ୍ଚଳ ଗଡବସ୍ତୀ ଅଞ୍ଚଳରେ ବାବା ଐଁଶେନେଶ୍ୱର ମହାଦେବଙ୍କ ପୀଠସ୍ଥଳରେ ଗୁରୁବାର ବହୁ ସଂଖ୍ୟକ ଭକ୍ତଙ୍କ ଭିଡ଼ ଜମି ଥିଲା। ଗୋପବନ୍ଧୁ ନଗର ବ୍ଲକର ଆରପଟା, କଡ଼ଦା ଓ ବଡ଼ବେଲାକୁଟିଠାରେ ସନ୍ଧ୍ୟାରେ ଉଡାଯାତ୍ରା ଅନୁଷ୍ଠିତ ହୋଇଥିଲା। ଆରପଟାଠାରେ ସଞ୍ଜୀବ କୁମାର ନାୟକ ଓ ମନୋରଞ୍ଜନ ପରିଡ଼ାଙ୍କ ତତ୍ତ୍ୱାବଧାନରେ ବାବୁ ଦେହୁରୀ, ଶରତ ଦେହୁରୀଙ୍କ ସମେତ ମୋଟ ୧୨ଜଣ ଭକ୍ତା ଉଡ଼ା କାର୍ଯ୍ୟ ତୁଲାଇଥିଲେ। ବଡବେଲାକୁଟି କମିଟିର ସଭାପତି ଧୃବେନ୍ଦ୍ର ନାଏକ ଓ ସମ୍ପାଦକ ଡମ୍ବରୁଧର ମହାନ୍ତଙ୍କ ତତ୍ତ୍ୱାବଧାନରେ ୪ ଜଣ ମୁଖ୍ୟ ଦାସୀ ଭାବେ କାର୍ଯ୍ୟ ତୁଲାଇଥିଲେ।

# ଅଂଶୁଘାତରେ ଶୂନ ମୃତ୍ୟୁ ଉପରେ ଗୁରୁତ୍ୱ

**ଗ୍ରୀଷ୍ମପ୍ରବାହ ପରିଚାଳନା କର୍ମଶାଳା**

**ଭଦ୍ରକ ଅଫିସ, ୧୪।୪**

ଭଦ୍ରକ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ବୁଧବାର ସଂସ୍କୃତି ଭବନରେ ଗ୍ରୀଷ୍ମପ୍ରବାହ ପରିଚାଳନା ଓ ଅଂଶୁଘାତ ମୁକାବିଲା ନେଇ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତ୍ରିଲୋଚନ ମାଝି ଏହାକୁ ଉଦ୍‌ଘାଟନ କରି ଅଂଶୁଘାତରେ ଯେପରି ଜିଲାରେ କେହି ମୃତ୍ୟୁବରଣ ନ କରନ୍ତି ସେ ଦିଗରେ ଦୃଷ୍ଟି ଦେବାକୁ ଉପସ୍ଥିତ ସମସ୍ତ ବିଡିଓ, ତହସିଲଦାର ଓ ଅନ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ମନୋରମା ଜାଲିଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାରେ ଅତିରିକ୍ତ ଜିଲାପାଳ ଅରୁଣ କୁମାର ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ପାତ୍ର, ଉପଜିଲାପାଳ ମନୋଜ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଦୃଶ୍ୟଶ୍ରାବ୍ୟ ଫଳକ ଜରିଆରେ ଜିଲା ପ୍ରକଳ୍ପ ଅଧିକାରୀ ବିଶ୍ୱନାଥ ନାୟକ ଓ ଭଦ୍ରକ ମୁଖ୍ୟ ଡାକ୍ତରଖାନାର ଭେଷଜ ବିଶେଷଜ୍ଞ ଡା. ମୀନକେତନ ମହାନ୍ତି ଅଂଶୁଘାତର ନିରାକରଣ, ପ୍ରାଥମିକ ଚିକିତ୍ସା, ଡାକ୍ତରଖାନାରେ ସ୍ୱତନ୍ତ୍ର କକ୍ଷ ଓ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଅଂଶୁଘାତଜନିତ ମୃତ୍ୟୁ ଘଟିଲେ ସ୍ଥାନୀୟ ତହସିଲଦାର ଓ ଡାକ୍ତରଙ୍କ ଦ୍ୱାରା ଯୁଗ୍ମ ତଦନ୍ତ ଆଧାରରେ ପ୍ରାଥମିକ ରିପୋର୍ଟ ୨୪ ଘଣ୍ଟା ମଧ୍ୟରେ ବ୍ୟବଚ୍ଛେଦ ସହ ଚୂଡ଼ାନ୍ତ ରିପୋର୍ଟ ୪୮ ଘଣ୍ଟା ମଧ୍ୟରେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ପ୍ରଦାନ କରାଯିବ ଏବଂ ମୃତକଙ୍କ ଉତ୍ତରାଧିକାରୀଙ୍କୁ ୫୦ହଜାର ଟଙ୍କା ଅନୁକମ୍ପା ରାଶି ଦିଆଯିବ ବୋଲି ସୂଚନା ଦିଆଯାଇଥିଲା।



କର୍ମଶାଳାରେ ଉପସ୍ଥିତ ଜିଲାପାଳ ତ୍ରିଲୋଚନ ମାଝି ଓ ଅନ୍ୟ ଅଧିକାରୀ।

# ସଙ୍କଟରେ ପଟିଠାକୁର ପରମ୍ପରା

**ସୁରକ୍ଷା ଦାବିକଲେ ଗ୍ରାମବାସୀ**

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର,୧୪।୪**

ପଣାସଂକ୍ରାନ୍ତି ଅବସରରେ କେନ୍ଦୁଝର ଜିଲାର ଅନ୍ୟତମ ପୁରାତନ ଓ ଅନନ୍ୟ ପରମ୍ପରା ପଟି ଠାକୁର ପରିକ୍ରମା ଉତ୍ସବ ଆରମ୍ଭ ହୋଇଛି। ଗ୍ରାମବାସୀମାନେ ଏକ ପଟି ବା ମଶିଣାରେ ବିଭିନ୍ନ ଦେବାଦେବୀ, ପଶୁପକ୍ଷୀ, ଯୋଗୀନୀଙ୍କ ରଙ୍ଗବେରଙ୍ଗ ଚିତ୍ର ଆଙ୍କି ଗାଁଗାଁ ଓ ଘର ଘର ବୁଲାଇଥାନ୍ତି। ଏହାକୁ ଠାକୁର ପଟି ବୁଲାଇବା କୁହାଯାଏ। ଏହି ଦିନରେ ଠାକୁରମାନେ ମନ୍ଦିରରୁ ବାହରି ଲୋକଙ୍କ ପାଖକୁ ଯାଇ ପୂଜା ପାଇଥାନ୍ତି ବୋଲି କୁହାଯାଏ। ଏହି ଠାକୁର ପଟିକୁ ପ୍ରଥମେ କେନ୍ଦୁଝରର ଆରାଧ୍ୟ ବଳଦେବଜୀଉଙ୍କ ପାଖରେ ଯଥାବିଧି ପୂଜା କରାଯାଇ ଶ୍ରୀଜୀଉଙ୍କ ଅନୁମତି ନେଇ ବାଦ୍ୟ ବଜାଇ ଶୋଭାଯାତ୍ରାରେ ଗାଁ ପରିକ୍ରମା କରାଯାଇଥାଏ।

ନିଶାର୍ଦ୍ଧରେ ପ୍ରତ୍ୟେକ ଗ୍ରାମର ଠାକୁର ପଟି ବଳଦେବଜୀଉଙ୍କ ମନ୍ଦିରକୁ ବିଜେ କରି ମା’ ଚର୍ଚ୍ଚିକାଙ୍କୁ ଭେଟ କରି ଗାଁକୁ ଫେରିଥାନ୍ତି। ଭକ୍ତମାନେ ନିଜ ନିଜ ଘର ଆଗରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ପ୍ରସ୍ତୁତ ରହି ଏହି ପଟି ଠାକୁରଙ୍କୁ ସ୍ୱାଗତ କରି ଯଥାବିଧି ପୂଜାର୍ଚ୍ଚନା କରିଥାନ୍ତି। ଆଗରୁ ବହୁ ଗ୍ରାମରେ ଏହି ପରମ୍ପରା ଦେଖିବାକୁ ମିଳୁଥିଲା। ଏବେ କାଁ ଭାଁ ଏଭଳି ପରମ୍ପରା କିଛି ଗ୍ରାମରେ ଦେଖିବାକୁ ମିଳୁଛି। ଏହି ପରମ୍ପରାକୁ ଅନେକ ତାନ୍ତ୍ରିକ ପରମ୍ପରା କହିଥାନ୍ତି। କାରଣ ଏହି ପଟି ବା ମଶିଣାରେ ବିଭିନ୍ନ ଦେବାଦେବୀ, ପଶୁପକ୍ଷୀ ସାଙ୍ଗକୁ ମହାଦେବ, ଯୋଗିନୀ, ବାସୁଳି, କାଳୀ, ଦୁର୍ଗା, ଚଣ୍ଡୀ ଆଦିଙ୍କ ଚିତ୍ର ଅଙ୍କାଯାଇ ପୂଜା କରାଯାଇଥାଏ। ପଟିର ମଧ୍ୟଭାଗରେ ଗଣେଶଙ୍କ ଚିତ୍ର ଥିବା ବେଳେ ଉଡୁଥିବା ଭକ୍ତଙ୍କ ଚିତ୍ର ରହିଥାଏ। ଭକ୍ତମାନେ ନିଜ ଘର ସାମ୍ନାରେ ଠାକୁରଙ୍କୁ ନୈବେଦ୍ୟ ଦେବାପାଇଁ ଅପେକ୍ଷା କରିଥାନ୍ତି। ଫଳମୂଳ ଭୋଗରାଗ ସହ ଅନେକ ସ୍ଥାନରେ କୁକୁଡା ବଳିଦେଇ ଦେବାଦେବୀ ଓ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିଥାନ୍ତି ବୋଲି କୁହାଯାଏ। ଏହି ପରମ୍ପରା ରାଜାରାଜୁଡା ସମୟରୁ ପାଳିତ ହୋଇଆସୁଛି। କିନ୍ତୁ ଏବେ ଏହି ପରମ୍ପରା ଧୀରେ ଧୀରେ କମିବାକୁ ବସିଛି। କେତେକ ଗ୍ରାମର ଭକ୍ତ ଏହାର ସୁରକ୍ଷା ପାଇଁ ନିଜ ଉଦ୍ୟମରେ ପ୍ରଚେଷ୍ଟା ଚଳାଇ ଆସୁଥିଲେ ହେଁ ସେସବୁର ସୁରକ୍ଷା ପାଇଁ ପ୍ରଶାସନର ସହଯୋଗ ଜରୁରୀ ବୋଲି ବରିଷ୍ଠ ନାଗରିକ ଅଲେଖ ଚନ୍ଦ୍ର ପାତ୍ର କୁହନ୍ତି। ପୂର୍ବରୁ ଗୁମୁରା, କବିଦ୍ରା, ଘୁଟୁରୁ, ଗମ୍ଭାରିଆ, ମୁକୁନା, ବାଉରିପଦା ଆଦି ୧୬ଟି ଗ୍ରାମରୁ ଏହି ଠାକୁରପଟି ପରିକ୍ରମା ଆସୁଥିଲା। ତେବେ ପୂର୍ବ ପରି ଏହି ଅନନ୍ୟ ପରମ୍ପରା କମି କମି ଆସୁଥିବା ବରିଷ୍ଠ ସାହିତ୍ୟିକ ପ୍ରଦୀପ ରାଉତ କ୍ଷୋଭର ସହ କହିଛନ୍ତି। ତେବେ ଏହି ଅନନ୍ୟ ପରମ୍ପରାର ସୁରକ୍ଷା କରିବାକୁ ଅନେକ ଗ୍ରାମବାସୀ ଦାବି କରିଛନ୍ତି।



କବିଦ୍ରା ଗ୍ରାମକୁ ପଟିଠାକୁରଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

